# The Odisha Gazette

**EXTRAORDINARY**
**PUBLISHED BY AUTHORITY**

**No. 125 , CUTTACK, SATURDAY, JANUARY 15, 2022/ PAUSA 25, 1943**


## HOUSING & URBAN DEVELOPMENT DEPARTMENT

NOTIFICATION

The 15th January, 2022

**S.R.O. No.68**/2022– Whereas the draft of certain rules further to amend the Odisha Municipal Corporation (Division of City into Wards, Reservation of Seats and Conduct of Election ) Rules, 2003 is hereby published as required by sub-section (1) of section 656 of the Odisha Municipal Corporation Act., 2003 (Odisha Act. 11 of 2003), in the Extraordinary issue No. 11 dated the 4th January, 2022 of the Odisha Gazette under the notification of the Government of Odisha in Housing and Urban Development Department No. 312-HUD-LEGIS-POLICY-0006-2021 dated the 4th January, 2022 bearing S.R.O. No. 7/2022, inviting objections and suggestions from all persons likely to be affected thereby till the expiry of a period of ten days from the date of publication of the same in the *Odisha Gazette;*

And whereas, no objection or suggestion has been received in respect of the said draft within the stipulated period;

Now, therefore, in exercise of the powers conferred by sections 16 read with 79 of the said Act, the State Government do hereby make the following rules to further amend the Odisha Municipal Corporation (Division of City into Wards, Reservation of Seats and Conduct of Election) Rules, 2003, namely:–

**1.** Short title and Commencement.-(1) These rules may be called the Odisha Municipal Corporation (Division of City into Wards, Reservation of Seats and Conduct of Election) Amendment Rules, 2022.

(2) They shall come into force on the date of their publication in the *Odisha Gazette.*

**2**. In the Odisha Municipal Corporation (Division of City into Wards, Reservation of Seats and Conduct of Election )Rules, 2003 (hereinafter referred to as the said rules), in rule 2, the sub-rule (c) shall be omitted.

**3**. In the said rules, in rule 4, ---

(a) the sub-rules (2) and (4) shall be omitted;

(b) in sub-rule (5), ---

(i) the comma and the words ",then for Backward Class of citizens" shall be omitted ; and

(ii) for the words, figure and brackets "sub-rules (1),(2),(3) and (4)", the words, figure and brackets "sub-rules (1) and (3)" shall be substituted ;

(c) in sub-rule(6), ---

(i) in clause (i), for the comma and the words ",Scheduled Tribes and Backward Class of citizens", the words "and the Scheduled Tribes" shall be substituted ;

(ii) the clause (iii) shall be omitted ;

(iii) in clause (iv), for the comma and the words ",Scheduled Tribes and Backward Class of citizens", the words "and Scheduled Tribes" shall be substituted ; and

(iv) in the Explanation, in item (ii), for the comma and the words ",Scheduled Tribes and Backward Class of citizens", the words "and Scheduled Tribes" shall be substituted ;

(d) in sub-rule (7), ---

(i) for the comma and the words ", Backward Class of citizens" shall be omitted ; and

(ii) the comma, bracket and the figure ",(2)" shall be omitted.

**4**. In the said rules, in rule 23,in sub-rule (1), –

(i) for clause (c), the following clause shall be substituted, namely :-

"(c) number of wards reserved for Scheduled Tribes or Scheduled Castes or Women," ; and

(ii) in clause (c-1), the words "or Backward Class of citizens" shall be omitted.

**5.** In the said rules, in rule 28,in sub-rule (2), for clause (v), the following clause shall be substituted, namely :-

"(v) that in case the election is solely for a seat reserved for the Scheduled Tribes or Scheduled Castes or for women and the candidates does not belong to the Scheduled Tribes or Scheduled Castes or Women, as the case may be, for which the candidate has to prove himself to be a member of such Caste or Tribes, as the case may be, by producing a certificate to that effect from the competent authority before the Election Officer ;" .

**6.** In the said rules, in rule 31,in the sub-rule (1), in the proviso to clause (b), the words "or for Backward Class of citizens" shall be omitted.

**7.** In the said rules, in rule 80, ---

(a) in sub-rule (1), the comma and words ",Backward Class of citizens", wherever they occur, shall be omitted ;

(b) the sub-rule (2) shall be omitted ;

(c) in sub-rule (4), the comma and the words ''then for Backward Class of Citizens" and the comma, bracket and figure ", (2)" shall be omitted ;

(d) in sub-rule (5), the comma and the words " , Backward Class of citizens" shall be omitted ;

(e) in sub-rule (6), the comma and the words " , Backward Class of citizens" and the comma, bracket and figure ", (2)" shall be omitted ;

(f) in sub-rule (7) , ---

(i) in clause (a), for the comma and words, ",Scheduled Tribes and Backward Class of citizens", the words "and Scheduled Tribes" shall be substituted ;

(ii) in clause (b), the words " and then for the Backward Class of citizens" shall be omitted ; and

(iii) in clause (c), for the comma and words, ", Scheduled Tribes and Backward Class of citizens", the words "and Scheduled Tribes" shall be substituted ;

(g) in sub-rule (8), the comma and the words ", Backward class of citizens" shall be omitted.

**8.** In the said rules, in FORM II, in the heading of column 11, the slash and letter "/BCC" shall be omitted.

**9.** In the said rules, in Forms III and IV, in respective statement II, in the heading of column 3, the comma and the words ",Backward Class of citizens including their women" shall be omitted.

**10.** In the said rules, in Form X, in Part II, in the last para, the slash and the words "/Backward Class of citizens" shall be omitted.

**11.** In the said rules, in Form XA, in Part II, the slash and the words "/ Backward Class of citizens" wherever they occur, shall be omitted.

[No.958–HUD-LEGIS-POLICY-0006/2021/HUD.]

By Order of the Governor

G.MATHI VATHANAN

Principal Secretary to Government

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ଅଧିସୂଚନା

ତା 15 ଜାନୁୟାରୀ, 2022

**S.R.O. No. 68**/2022**–** ଯେହେତୁ ପୌର ନିଗମ ଅଧିନିୟମ ,2003 (2003ର ଓଡିଶା ଅଧିନିୟମ 11 ) ର ଧାରା 656 ର ଉପଧାରା (1) ଦ୍ୱାରା ଆବଶ୍ୟକ ହେଉଥିବା ପ୍ରକାରେ ଓଡିଶା ପୌର ନିଗମ ନିୟମାବଳୀ( ନଗରକୁ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ),2003 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ତାହାର ଏକ ଚିଠା ନିୟମାବଳୀ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧିସୂଚନା ସଂଖ୍ୟା 312-ଏଚ,ୟୁ.ଡ଼ି-ଲେଜିଶ-ପଲିସି-0006-2021, 4 ଜାନୁଆରୀ 2022 ରେ ଓଡିଶା ଗେଜେଟର ଅସାଧାରଣ ସଂଖ୍ୟା 11 ତା 4 ଜାନୁଆରୀ 2022 ଧାରକ ଏସ.ଆର.ଓ. ସଂଖ୍ୟା 7/2022 ଭାବରେ ପ୍ରକାଶ କରାଯାଇ, ତଦ୍ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କ ଠାରୁ ତାହା ଓଡିଶା ଗେଜେଟରେ ପ୍ରକାଶିତ ହେବାର ଦଶଦିନ ମଧ୍ୟରେ ଆପତ୍ତି ଓ ପ୍ରସ୍ତାବମାନ ଆହ୍ୱାନ କରାଯାଇଥିଲା ;

ଏବଂ, ଯେହେତୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ଉକ୍ତ ଚିଠା ସମ୍ବନ୍ଧରେ କୌଣସି ଆପତ୍ତି ବା ପ୍ରସ୍ତାବ ପ୍ରାପ୍ତ ହୋଇନାହିଁ ;

ସୁତରାଂ, ସମ୍ପ୍ରତି, ରାଜ୍ୟ ସରକାର ଉକ୍ତ ଅଧିନିୟମର ଧାରା 16 ପଠନ ପୂର୍ବକ 79 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ରାଜ୍ୟ ସରକାରଙ୍କ ଦ୍ୱାରା ଓଡିଶା ପୌର ନିଗମ ନିୟମାବଳୀ(ନଗରକୁ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ),2003 କୁ ଅଧିକତର ସଂଶୋଧନ କରିବା ନିମନ୍ତେ ଏତଦ୍ଦ୍ୱାରା ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଅଛନ୍ତି , ଯଥା :-

1. ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ – (1) ଏହି ନିୟମାବଳୀ, ଓଡିଶା ପୌର ନିଗମ ( ନଗରକୁ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ସଂଶୋଧନ ନିୟମାବଳୀ, 2022 ନାମରେ ଅଭିହିତ ହେବ ।

(2) ଓଡିଶା ଗେଜେଟରେ ପ୍ରକାଶିତ ହେବା ତାରିଖ ଠାରୁ ଏହା ବଳବତ୍ତର ହେବ ।

2. ଓଡିଶା ପୌର ନିଗମ (ନଗରକୁ ୱାର୍ଡରେ ବିଭାଜନ, ଆସନ ସଂସକ୍ଷଣ ଓ ନିର୍ବାଚନ ସଂଚାଳନ) ନିୟମାବଳୀ, 2003 ( ଏହାପରେ ଉକ୍ତ ନିୟମାବଳୀ ଭାବେ ସୂଚିତ ) ର ନିୟମ 2 ର ଉପ ନିୟମ (ଗ) ଲୋପ ହେବ ।

3. ଉକ୍ତ ନିୟମାବାଳୀର ନିୟମ 4 ରେ –

(କ) ଉପ- ନିୟମ (2) ଓ ( 4) ଲୋପ ହେବ ।

(ଖ) ଉପ-ନିୟମ(5) ରେ –

(i) ‘’, ତାହାପରେ ପଛୁଆ ଶ୍ରେଣୀର ନାଗରିକ”କମା ଓ ଶବ୍ଦ ଗୁଡିକ ଲୋପ ହେବ ; ଓ

(ii) “ ଉପ-ନିୟମ(1), (2), (3) ଓ (4)” ଶବ୍ଦ, ଅଙ୍କ ଓ ବନ୍ଧନୀଗୁଡିକ ବଦଳରେ “ଉପ-ନିୟମ(1) ଓ (3)” ଶବ୍ଦ, ଅଙ୍କ ଓ ବନ୍ଧନୀ ଗୁଡିକ ପ୍ରତିସ୍ଥାପିତ ହେବ ;

(ଗ) ଉପ- ନିୟମ(6) ରେ , -

(i) ଖଣ୍ଡ(i) ରେ ଥିବା “,ଅନୁସୂଚିତ ଜନଜାତି ଓ ପଛୁଆ ଶ୍ରେଣୀର ନାଗରିକ” କମା ଓ ଶଦ୍ଦଗୁଡିକ ବଦଳରେ “ ଓ ଅନୁସୂଚିତ ଜନଜାତି” ଶଦ୍ଦଗୁଡିକ ପ୍ରତିସ୍ଥାପିତ ହେବ ;

(ii) ଖଣ୍ଡ (iii) ଲୋପ ହେବ;

(iii) ଖଣ୍ଡ (iv) ରେ ଥିବା “, ଅନୁସୂଚିତ ଜନଜାତି ଓ ପଛୁଆ ଶ୍ରେଣୀର ନାଗରିକ” କମା ଓ ଶଦ୍ଦଗୁଡିକ ବଦଳରେ “ଓ ଅନୁସୂଚିତ ଜନଜାତି” ଶଦ୍ଦଗୁଡିକ ପ୍ରତିସ୍ଥାପିତ ହେବ ; ଏବଂ

(iv) ଦଫା (ii) ର ସ୍ପଷ୍ଟୀକରଣ ରେ ଥିବା “, ଅନୁସୂଚିତ ଜନଜାତି ଓ ପଛୁଆ ଶ୍ରେଣୀର ନାଗରିକ” କମା ଓ ଶଦ୍ଦଗୁଡିକ ବଦଳରେ “ ଓ ଅନୁସୂଚିତ ଜନଜାତି” ଶଦ୍ଦ ଗୁଡିକ ପ୍ରତିସ୍ଥାପିତ ହେବ ;

(ଘ) ଉପ-ନିୟମ(7) ରେ , -

(i) “, ପଛୁଆ ଶ୍ରେଣୀର ନାଗରିକ” କମା ଓ ଶଦ୍ଦଗୁଡିକ ଲୋପ ହେବ ; ଓ

(ii) “, (2)” କମା, ବନ୍ଧନୀ ଓ ଅଙ୍କ ଲୋପ ହେବ ।

4. ଉକ୍ତ ନିୟମାବଳୀ ର ନିୟମ 23 ର ଉପ-ନିୟମ (1) ରେ –

(i) ଖଣ୍ଡ(ଗ) ବଦଳରେ ନିମ୍ନଲିଖିତ ଖଣ୍ଡ ପ୍ରତିସ୍ଥାପିତ ହେବ , ଯଥା-

“ (ଗ) ଅନୁସୂଚିତ ଜନଜାତି ବା ଅନୁସୂଚିତ ଜାତି ବା ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ ୱାର୍ଡଗୁଡିକର ସଂଖ୍ୟା,”; ଏବଂ

(ii) ଖଣ୍ଡ (ଗ-1) ରେ ଥିବା “ ବା ପଛୁଆ ଶ୍ରେଣୀର ନାଗରିକ” ଶଦ୍ଦଗୁଡିକ ଲୋପ ହେବ ।

5. ଉକ୍ତ ନିୟମାବଳୀର ନିୟମ 28 ର ଉପ-ନିୟମ(2) ର ଖଣ୍ଡ(v) ବଦଳରେ ନିମ୍ନଲିଖିତ ଖଣ୍ଡ ପ୍ରତିସ୍ଥାପିତ ହେବ , ଯଥା –

“(V) ଯଦି କେବଳ ଅନୁସୂଚିତ ଜନଜାତି ବା ଅନୁସୂଚିତ ଜାତି ବା ମହିଳାମାନଙ୍କ ଲାଗି ସଂରକ୍ଷିତ ଏକ ଆସନ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେଉଥାଏ ଏବଂ ପ୍ରାର୍ଥୀ ଅନୁସୂଚିତ ଜନଜାତି ବା ଅନୁସୂଚିତ ଜାତି ବା ମହିଳା, ଯଥାସ୍ଥିତି, ହୋଇନଥାନ୍ତି, ତେବେ ପ୍ରାର୍ଥୀ ସେପରି ଜାତି ବା ଜନଜାତିର ଜଣେ ସଦସ୍ୟ ଅଟନ୍ତି ବୋଲି ନିଜକୁ ପ୍ରମାଣିତ କରିବା ପାଇଁ ସକ୍ଷମ ପ୍ରାଧିକାରୀଙ୍କ ଠାରୁ ଏକ ପ୍ରମାଣପତ୍ର ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ;”,

6. ଉକ୍ତ ନିୟମାବଳୀର ନିୟମ 31 ର ଉପ-ନିୟମ(1) ର ଖଣ୍ଡ (ଖ) ର ପରନ୍ତୁକରେ ଥିବା “ ବା ପଛୁଆ ଶ୍ରେଣୀର ନାଗରିକମାନଙ୍କ ନିମନ୍ତେ” ଶଦ୍ଦଗୁଡିକ ଲୋପ ହେବ ।

7. ଉକ୍ତ ନିୟମାବଳୀର ନିୟମ 40 ରେ , -

(କ) ଉପ-ନିୟମ(1) ରେ ଯେଉଁ ଯେଉଁ ସ୍ଥାନରେ “, ପଛୁଆ ଶ୍ରେଣୀର ନାଗରିକ”କମା ଓ ଶଦ୍ଦଗୁଡିକ ଥିବ, ତାହା ଲୋପ ହେବ ;

(ଖ) ଉପ-ନିୟମ(2) ଲୋପ ହେବ ;

(ଗ) ଉପ-ନିୟମ(4) ରେ ଥିବା “, ତାହାପରେ ପଛୁଆ ଶ୍ରେଣୀର ନାଗିରକ” କମା ଓ ଶଦ୍ଦଗୁଡିକ ଏବଂ “,(2)” କମା, ବନ୍ଧନୀ ଓ ଅଙ୍କ ଲୋପ ହେବ ;

(ଘ) ଉପ-ନିୟମ(5) ରେ ଥିବା “, ପଛୁଆ ଶ୍ରେଣୀର ନାଗରିକ” କମା ଓ ଶଦ୍ଦଗୁଡିକ ଲୋପ ହେବ ;

(ଙ) ଉପ- ନିୟମ (6) ରେ ଥିବା “, ପଛୁଆ ଶ୍ରେଣୀର ନାଗରିକ” କମା ଓ ଶବ୍ଦଗୁଡିକ ଏବଂ “, (2)” କମା, ବନ୍ଧନୀ ଓ ଅଙ୍କ ଲୋପ ହେବ ;

(ଚ) ଉପ-ନିୟମ(7) ରେ, -

(i) ଖଣ୍ଡ (କ) ରେ ଥିବା “, ଅନୁସୂଚିତ ଜନଜାତି ଓ ପଛୁଆ ଶ୍ରେଣୀର ନାଗରିକ” କମା ଓ ଶବ୍ଦଗୁଡିକ ବଦଳରେ “ଓ ଅନୁସୂଚତିତ ଜନଜାତି” ଶବ୍ଦଗୁଡିକ ପ୍ରତିସ୍ଥାପିତ ହେବ ;

(ii) ଖଣ୍ଡ (ଖ) ରେ ଥିବା “ ଓ ତହାପରେ ପଛୁଆ ଶ୍ରେଣୀର ନାଗରିକମାନଙ୍କ ନିମନ୍ତେ” ଶବ୍ଦଗୁଡିକ ଲୋପ ହେବ ; ଓ

(iii) ଖଣ୍ଡ (ଗ) ରେ ଥିବା “, ଅନୁସୂଚିତ ଜନଜାତି ଓ ପଛୁଆ ଶ୍ରେଣୀର ନାଗରିକ” କମା ଓ ଶବ୍ଦଗୁଡିକ ବଦଳରେ “ ଓ ଅନୁସୂଚିତ ଜନଜାତି” ଶବ୍ଦଗୁଡିକ ପ୍ରତିସ୍ଥାପିତ ହେବ ;

(ଛ) ଉପ-ନିୟମ (8) ରେ ଥିବା “, ପଛୁଆ ଶ୍ରେଣୀର ନାଗରିକ” କମା ଓ ଶବ୍ଦଗୁଡିକ ଲୋପ ହେବ ।

8. ଉକ୍ତ ନିୟମାବଳୀର ଫର୍ମ (II) ର ସ୍ତମ୍ଭ 11 ର ଶୀର୍ଷକରେ ଥିବା “/ ପ. ଶ୍ରେ. ନା” ଛେଦନ ଚିହ୍ନ ଓ ଅକ୍ଷର ଲୋପ ହେବ ।

9. ଉକ୍ତ ନିୟମାବଳୀର ଫର୍ମ (iii) ଓ (iv) ରେ ବିବରଣୀ (ii) ର ସମ୍ଭ (3) ର ଶୀର୍ଷକରେ ଥିବା କମା ଓ ଶବ୍ଦଗୁଡିକ “ପଛୁଆ ଶ୍ରେଣୀର ନାଗରିକ ତଥା ଉକ୍ତ ଶ୍ରେଣୀର ମହିଳା” ଲୋପ ହେବ ।

10. ଉକ୍ତ ନିୟମାବଳୀର ଫର୍ମ X ରେ ଭାଗ (ii) ଶେଷ ଅନୁଛେଦରେ ଥିବା ଛେଦନ ଚିହ୍ନ ଓ ଶବ୍ଦ ଗୁଡିକ “/ ପଛୁଆ ଶ୍ରେଣୀର ନାଗରିକ” ଲେପ ହେବ ।

11. ଉକ୍ତ ନିୟମାବଳୀର ଫର୍ମ x କ ର ଭାଗ (ii) ରେ ଯେଉଁ ଯେଉଁ ସ୍ଥାନରେ “/ ପଛୁଆ ଶ୍ରେଣୀର ନାଗରିକ” ଛେଦନ ଚିହ୍ନ ଓ ଶବ୍ଦଗୁଡିକ ଥିବ, ତାହା ଲୋପ ହେବ ।

[No.958— ଏଚ,ୟୁ.ଡ଼ି-ଲେଜିଶ-ପଲିସି -0006/2021/ ଗୃ.ନ.ଉ.]

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଜୀ. ମାଥୀ ଭାତନାନ

ପ୍ରମୁଖ ଶାସନ ସଚିବ

---

Printed and Published by the Director, Printing, Stationery and Publication, Odisha,Cuttack-10
OGP/SBP Ex.Gaz.1739-183+500